## ସଂକ୍ଷେପରେ

### ମେ' ୯ରୁ ଶୀତଳା ଠାକୁରାଣୀ ଯାତ୍ରା

**ଛତ୍ରପୁର,୧୬।୪(ଡି.ଏନ୍.ଏ ):** ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ଅଧୀନ ମୁନିଷିପେଣ୍ଟ ଗାଁରେ ପ୍ରତି ୧୨ ବର୍ଷକୁ ଥରେ ମା' ଶୀତଳା ଠାକୁରାଣୀ ଙ୍କ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ମେ' ୯ରୁ ୨୯ ପର୍ଯ୍ୟନ୍ତ ୨୧ ଦିନ ଧରି ଏହି ଯାତ୍ରା ହେବାକୁ ନିଷ୍ପତି ହୋଇଛି। ଏ ସମ୍ପର୍କରେ ମୁନିଷିପେଣ୍ଟ ଯାତ୍ରା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମେ ୨୯ ତାରିଖ ମଧରାତିରେ ମା'ଙ୍କ ଘଟ ସ୍ଥାୟୀ ମନ୍ଦିରକୁ ଫେରିବେ। ତା'ପରଦିନ ଶୋଭାଯାତ୍ରା ଓ ସାହିଯାତ୍ରା ଅନୁଷ୍ଠିତ ହେବ। ୫ ପଞ୍ଚାୟତର ୨୦ ଗ୍ରାମ କମିଟିକୁ ନିମନ୍ତ୍ରଣ କରାଯିବ। ଯାତ୍ରା ଅବସରରେ ଲୋକକଳା, ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସୂଚନା ଦିଆଯାଇଛି। ଯାତ୍ରା ପ୍ରସ୍ତୁତି ନେଇ ବୈଠକ ହେବା ସହ କମିଟି ଗଠନ ହୋଇଛି। ଏପ୍ରିଲ ୨୩ରେ ଏନେଇ ଶୁଭଖୁଣ୍ଟି ସ୍ଥାପନ ହେବ। ଯାତ୍ରା କମିଟିର ସଭାପତି ବିଶ୍ୱନାଥ ସୁବୁଦ୍ଧି, ସମ୍ପାଦକ ସୁଦାମ ସାହୁ, ଉପସଭାପତି ପ୍ରବାସୀ ପ୍ରଧାନ, ସହସମ୍ପାଦକ କେ. ରାମେୟା, କୋଷାଧକ୍ଷ କେ. ବିମରାଜୁ, ଉପଦେଷ୍ଟା ପ୍ରମୋଦ ସାହୁ, ବିଜୟ ପ୍ରଧାନ, ଭଗବାନ ନାହାକ, ଅର୍ଜୁନ ବେହେରା ଉପସ୍ଥିତ ଥିଲେ।

### ଗୁମ୍ମା ହାଟପଦାଠାରେ ବ୍ଲକ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ପାରଳାଖେମୁଣ୍ଡି,୧୬।୪(ଡି.ଏନ୍.ଏ.):** ଆପ୍ ଗଜପତି ତରଫରୁ ଗୁମ୍ମା ବ୍ଲକ ହାଟପଦାଠାରେ ବ୍ଲକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବୋୟାଜ ବେବର୍ତ୍ତାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଜିଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ବୈଠକରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ପହଞ୍ଚାଇବ ପାଇଁ ସମସ୍ତ ପଞ୍ଚାୟତରେ ଦିଲ୍ଲୀ ଓ ପଞ୍ଜାବରେ ଆପ୍ ସରକାର ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ମହିଳାମାନଙ୍କୁ ସୁବିଧା ଯୋଗାଇଦେବା ଓ ରୋଜଗାର କ୍ଷେତ୍ରରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟର ପ୍ରଚାର ସହିତ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧରେ ନୂଆଗଡ ବ୍ଲକ ସମ୍ପାଦକ ଯୋଥାମ ଲିମ୍ମା, ଜିଲା କମିଟି ସଦସ୍ୟ ଲୋଗସ ଦାସ ବର୍ଦ୍ଧନ, ଲୁସେନ୍ୟ ଗମାଙ୍ଗ, କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଗୁମ୍ମା ବ୍ଲକ ଯୁବ ସଭାପତି ଦୀପ ସାମୁଏଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସିଆଳିଆ ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍

**କବିସୂର୍ଯ୍ୟନଗର,୧୬।୪(ଡି.ଏନ.ଏ.):** କବିସୂର୍ଯ୍ୟନଗର ବ୍ଲକ ସିଦ୍ଧେଶ୍ୱର ପଡିଆରେ ସିଆଳିଆ ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗକୁ ଗଞ୍ଜାମ ଜିଲା ଯୁବ ବିଜେଡି ଜୋନ ସଭାପତି ନଚିକେତା ସ୍ୱାଇଁ ମୁଖ୍ୟଅତିଥି ଯୋଗ ଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଗବାନ ସାହୁ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ଟସ ଜିତି ଲିଜେଣ୍ଡ ୱାରିଅର ମୋଟ ୭୮ ରନ ସଂଗ୍ରହ କରିଥିଲା। ପ୍ରତ୍ୟୁତ୍ତରରେ ସୁପର ଷ୍ଟ୍ରାଇକର ୮ଓଭରରେ ସମସ୍ତ ଉଇକେଟ ହରାଇ ୬୨ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଟସ ବିନ କରି ସୁପର ଷ୍ଟ୍ରାଇକର ନିର୍ଦ୍ଧାରିତ ୧୨ଓଭରରେ ସମସ୍ତ ୱିକେଟ ହରାଇ ୧୧୨ରନ ସଂଗ୍ରହ କରିଥିଲା। ଲୟଲ ଇଲେଭେନ ୯୫ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ସୁଦାମ ମହାନ୍ତି, ଚିତ୍ରସେନ ପରିଡା, ସୁଚିତ୍ର ମହାନ୍ତି ଓ ସୁଶାନ୍ତ ନାହାକ ମ୍ୟାଚ ପରିଚାଳନା କରିଥିଲେ। ବିଜେତାକୁ କପ ସହ ୧୫ହଜାର ଓ ରନରକୁ ୭ହଜାର ସହ କପ ପ୍ରଦାନ କରାଯିବ ବୋଲି ପରିଚାଳକ ରଞ୍ଜନ ପରିଡା କହିଛନ୍ତି।

### ୨ ବଖରା ଜଳିଗଲା

ପୋଲସରା,୧୬।୪-ପୋଲସରା ତହସିଲ ଅନ୍ତର୍ଗତ କଳମ୍ବ ଗ୍ରାମରେ ରବିବାର ନିଆଁ ଲାଗି ୨ ବଖରା ଜଳିଯାଇଛି। କୁନ୍ତଳା ସାହୁ (୮୦) ଏକାକୀ ଚାଳଘରେ ରହୁଥିଲେ। ରବିବାର କାଠ ଚୁଲିରେ ରୋଷେଇ କରିବା ପାଇଁ ଭାତହାଣ୍ଡି ବସେଇ ବୃଦ୍ଧା ଜଣକ ପାଣି ଆଣିବାକୁ ଯାଇଥିଲେ। ଫେରି ଦେଖିବା ବେଳକୁ ଘରେ ନିଆଁ ଲାଗି ସମସ୍ତ ଜିନିଷପତ୍ର ଜଳିଯାଇଥିଲା। ଖବର ପାଇ ପୋଲସରା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସରକାରୀ ସହାୟତା ଯୋଗାଇଦେବାକୁ ବୃଦ୍ଧା ନିବେଦନ କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଶବର ନଗରବାସୀ

**ପାରଳାଖେମୁଣ୍ଡି, ୧୬।୪ (ଡି.ଏନ୍.ଏ)**

- ଗାଁକୁ ରାସ୍ତା ନାହିଁ
- ନଳକୂପ ଅଚଳ,କୂଅ ଶୁଖିଲା
- ପାଣି ପାଇଁ ଲୋକେ ଡହଳବିକଳ



ଗଜପତି ଜିଲା ଗୋଷାଣି ବ୍ଲକ ଉପଲଡ଼ା ପଞ୍ଚାୟତ ଅନ୍ତର୍ଗତ ଶବର ନଗର ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାସ୍ତାଘାଟ ନଥିବା ଦେଖିବାକୁ ମିଳିଛି। ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ରାସ୍ତାଘାଟର ଚିହ୍ନବର୍ଣ୍ଣ ନାହିଁ । ଗ୍ରାମବାସୀ ଜମିହୁଡା କିମ୍ଵା ଲଟାବୁଦା ପାଦଚଲା ରାସ୍ତା ଦେଇ ଗମନାଗମନ କରୁଛନ୍ତି। ପ୍ରାୟ ୧୫ ପରିବାରର ୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗ୍ରାମଟି ଉପଲଡା-ଗୁରାଣ୍ଡି ମୁଖ୍ୟ ରାସ୍ତା ଠାରୁ ମାତ୍ର ୫୦୦ମିଟର ଦୂରତା ପଡୁଥିବା ବେଳେ କ୍ୱାରୀ ରାସ୍ତା ଠାରୁ ପ୍ରାୟ ୩୦୦ମିଟର ଦୂରତାରେ ଅବସ୍ଥିତ। ୩୦୦ମିଟର ରାସ୍ତା ଅବସ୍ଥା କହିଲେ ନସରେ। ଉକ୍ତ ଗ୍ରାମଟି ପାହାଡ଼ ପାଦଦେଶରେ ରହିଛି । ସମୟେ ସମୟେ ଜଙ୍ଗଲି ଜନ୍ତୁ ଗ୍ରାମକୁ ଆସିଯାଇଥାନ୍ତି। ବର୍ଷା ଦିନେ ପାହାଡିଆ ପାଣି ପ୍ରବେଶ କରି ଘରଦ୍ୱାର ନଷ୍ଟ କରିଦେଉଛି । ଗ୍ରାମରେ ମାତ୍ର ଗୋଟିଏ ପକ୍କା ଘର ରହିଛି। ଅନ୍ୟାନ୍ୟ ସବୁ ମାଟିଝାଟି ତଥା ଟିଣଚଦର ଆବୃତ ହୋଇରହିଛି । କେତେକ ଘରର କାନ୍ଥ ପଡିଯାଇ ଥିବାରୁ ଲୋକେ ଖୋଲାମେଲାରେ ବସବାସ କରୁଛନ୍ତି। ପଥରିଆ ରାସ୍ତା ଚଢି ଲୋକେ ଘରକୁ ଯାତାୟତ କରିଥାନ୍ତି । ସମସ୍ତଙ୍କ ପାଖରେ ଭୋଟର କାର୍ଡ ସହ ଆଧାର କାର୍ଡ ରହିଥିବା ବେଳେ ଏମାନଙ୍କୁ ଆଜିଯାଏଁ ରାସନ ସାମଗ୍ରୀ ମିଳୁନଥିବା ମଧ ପ୍ରକାଶ କରିଛନ୍ତି । ପ୍ରଶାସନ ପକ୍ଷରୁ ପାନୀୟ ଜଳ ପାଇଁ ଦୁଇଟି ନଳକୂପ ଏବଂ ଗୋଟିଏ କୂପର ବ୍ୟବସ୍ଥା ହୋଇଛି । ଏହା ସହ ବିଦ୍ୟୁତିକରଣ ବ୍ୟବସ୍ଥା ମଧ କରାଯାଇଛି। ନଳକୂପ ଗୁଡିକ ସଠିକ ଭାବେ କାମ କରୁ ନଥିବା ଏବଂ ଏଥିରୁ କଳଙ୍କିଯୁକ୍ତ ପାଣି ବାହାରୁ ଥିବା ବେଳେ ଗ୍ରୀଷ୍ମଦିନେ ପାଣି ଆସୁନଥିବା ଜଣାଇଛନ୍ତି । କୂଅଟି ମଧ ଶୁଖିଯାଉଛି । ଫଳରେ ଲୋକେ ପାଣି ପାଇଁ ଡହଳବିକଳ ହେଉଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଗ୍ରାମବାସୀ ମୂଲ ଲାଗି ପରିବାର ଚଳାଉଥିବା ବେଳେ ଏମାନଙ୍କ ଆର୍ଥିକ ମେରୁଦଣ୍ଡ ସ୍ୱଚ୍ଛଳ ନୁହେଁ । ତେଣୁ ଗ୍ରାମ୍ୟରାସ୍ତା ନିର୍ମାଣ କରିବା ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି । ଏ ନେଇ ଗୋଷାଣି ବିଡିଓ ନୀଳମାଧବ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ କହିଛନ୍ତି, ଶବର ନଗର ଗ୍ରାମକୁ ପରିଦର୍ଶନ କରି ରାସ୍ତାଘାଟ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ଅତି ଶୀଘ୍ର କରାଯିବ।

## ଷ୍ଟ୍ରବେରି ଚାଷ ଦେଖିଲେ ପଞ୍ଚାୟତ ପ୍ରତିନିଧି

**ରାଇକିଆ,୧୬।୪(ଡି.ଏନ.ଏ)**



ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ବରେପଙ୍ଗାଠାରେ ହେଇଥିବା ଷ୍ଟ୍ରବେରି ଚାଷ ବୁଲି ଦେଖୁଛନ୍ତି।

ରାଇକିଆ ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ରବିବାର ମାଣିକେଶ୍ୱର ପଞ୍ଚାୟତ ପରିଦର୍ଶନରେ ଯାଇ ବରେପଙ୍ଗାଠାରେ ହେଇଥିବା ଷ୍ଟ୍ରବେରି ଚାଷ ବୁଲି ଦେଖିଥିଲେ। ଖୁବ କମ ସମୟ ମଧରେ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଏହି ଚାଷ କରି ସଫଳତା ଲାଭ କରିଥିବାରୁ ସେ ସମ୍ପର୍କରେ ଲୋକ ପ୍ରତିନିଧିମାନେ ପଚାରି ବୁଝିଥିଲେ। ଏହାକୁ ଅନ୍ୟ ପଞ୍ଚାୟତ ଗୁଡ଼ିକରେ ମଧ କିପରି ଚାଷ କରାଯାଇପାରିବ ଏବଂ ଏଥିପ୍ରତି ଆଗ୍ରହ ଦେଖିପାରିବେ ସେ ନେଇ ବିଡିଓ ଶରତ ପାତ୍ର ଏବଂ ଓଡ଼ିଶା ଜୀବିକା ମିଶନର ବିପିଏମ ଜୟଦେବ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ପରେ ମାଣିକେଶ୍ୱର ଯୋଗେଶ୍ୱର ହାଇସ୍କୁଲର ୫-ଟି ରୂପାନ୍ତରଣ କାର୍ଯ୍ୟ ମଧ ଦେଖିଥିଲେ। ଏଥିରେ ବିଡିଓଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ଉପାଧକ୍ଷା ରିନା ପ୍ରଧାନ ସାମିଲ ହୋଇଥିଲେ।

# ବିଦ୍ୟୁତ୍ ଆଘାତରେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ

**ପୁରୁଷୋତ୍ତମପୁର,୧୬।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ଶନିବାର ରାତିରେ ଦୁଇଟି ଦଳର ଦଣ୍ଡନାଚ ଚାଲିଥିଲା। ଏହାକୁ ଦେଖିବା ଲାଗି ଶତାଧିକ ସଂଖ୍ୟାରେ ଜନସାଧାରଣ ଜମା ହୋଇଥିବା ବେଳେ ବଡ ପୁଞ୍ଜା ଯାତ୍ରା ଦଳରେ ବିଦ୍ୟୁତ ସଟ ସର୍କିଟ ହୋଇଥିଲା। ମଞ୍ଚ ନିକଟରେ ବସି ଯାତ୍ରା ଦେଖୁଥିବା ଦର୍ଶକ ଲଡକାପଲ୍ଲୀ ଗ୍ରାମର ଦୀପକ ବେହେରା ଓ ଶିକୁଳା ନୂଆଁସାହିର ଦିବ୍ୟାଙ୍ଗ ଯୁବକ ବଳରାମ ଦାସ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ବଳରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ରବିବାର ପୁରୁଷୋତ୍ତମପୁର ବିଦ୍ୟୁତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମହମ୍ମଦ ରଜିଉଲ୍ଲା ବେଆଇନ୍ ହୁକିଙ୍ଗ କରି ନାଚ କରୁଥିବା କାରଣରୁ ଏଭଳି ଘଟିଛି ବୋଲି ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଥାନା କେସ୍ ନଂ ୨୫୫/୨୩ ପ୍ରକାରେ ମାମଲା ରୁଜୁ କରିଛନ୍ତି। ତଦନ୍ତକାରୀ ଅଫିସର ଏସଆଇ ପ୍ରିୟଙ୍କା ବେହେରା କୋଦଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ବ୍ୟବଚ୍ଛେଦ କରିଛନ୍ତି। ତଦନ୍ତ ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଛୋଟରାୟ କହିଛନ୍ତି।

**ବେଆଇନ ହୁକିଂ କରି ଦଣ୍ଡନାଚ**

# ଜଙ୍ଗଲରେ ନିଆଁ ଲିଭାଇଲେ ଡିଏଫଓ



ଡିଏଫ୍‌ଓ ନିଆଁ ଲିଭାଉଛନ୍ତି।

**ଫୁଲବାଣୀ ଅଫିସ, ୧୬।୪**

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ମାଓବାଦୀ ଇଲାକା ଭାବେ ପରିଚିତ କୋଟଗଡ ବ୍ଲକ ଶ୍ରୀରାମପୁର ଅଞ୍ଚଳ ଜଙ୍ଗଲରେ ନିଆଁ ଲାଗିଛି । ବାଲିଗୁଡା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଏକ ଟିମ୍ ସହ ସେଠାକୁ ଯାଇ ନିଆଁ ଲିଭାଇଛନ୍ତି । କୋଟଗଡ ରେଞ୍ଜରେ ଜଙ୍ଗଲରେ ନିଆଁ ଲାଗିଥବା ବନ ବିଭାଗକୁ ଖବର ମିଳିଥିଲା । ଗତ ରାତି ପ୍ରାୟ ସାଢ଼େ ୧୨ଟାରେ ବନଖଣ୍ଡ ଅଧିକାରୀ ପଣ୍ଡା, କୋଟଗଡ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ ଏକ ଟିମ ଶ୍ରୀରାମପୁର ନିକଟ ମୁଣ୍ଡବାଲୁଗୁଞ୍ଜି ପାହାଡରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଚଳିତ ବର୍ଷ ବାଲିଗୁଡା ବନଖଣ୍ଡର ସମସ୍ତ ରେଞ୍ଜରେ ନିଆଁ ଲାଗି ନ ଥିବା ବେଳେ କୋଟଗଡ଼ ରେଞ୍ଜରେ ୨୦-୨୫ ଜାଗାରେ ନିଆଁ ଲାଗିଥିବା ଜଣାପଡିଥିଲା। କଣ୍ଟ୍ରୋଲ ରୁମରେ ଏହି ଖବର ମିଳିବା ପରେ ତତ୍‌କ୍ଷଣାତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜଙ୍ଗଲରେ ନିଆଁକୁ ରୋକିବାରେ ଆମେ ସଫଳ ହୋଇଛୁ। ବନ ସୁରକ୍ଷା ସମିତି, ଜନପ୍ରତିନିଧିଙ୍କୁ ନିଆଁ ଲାଗିଲେ ବନବିଭାଗକୁ ସାହାଯ୍ୟ କରିବାକୁ ଡିଏଫଓ ପଣ୍ଡା ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

# କନିଷି ଉପନିବନ୍ଧକ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**ଗୋପାଳପୁର,୧୬।୪(ଡି.ଏନ.ଏ.)**

କନିଷି ହାଟଠାରେ ଥିବା ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଶନିବାର ହଳଦିଆପଦରଠାରେ ଥିବା ବସଷ୍ଟାଣ୍ଡ ପରିସରକୁ ଅସ୍ଥାୟୀ ଭାବରେ ସ୍ଥାନାନ୍ତରକୁ ନେଇ ଦଲିଲ ଲେଖାଳି ସଂଘ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ ୨୦୧୩ ଜୁନ୍ ୧୦ରୁ କନିଷି ତହସିଲ କାର୍ଯ୍ୟାଳୟ କଡ଼ରେ ଥିବା ତହସିଲଦାରଙ୍କ ଆବାସିକ କୋଠାରେ ଚାଲୁଥିବା ବେଳେ ତହସିଲଦାର କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ନୋଟିସ ବାହାର କରିବା ଏବଂ ଏ ନେଇ ଦଲିଲ ଲେଖକ ସଂଘକୁ ଅବଗତ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। ଗତ ୧୩ ତାରିଖରେ କନିଷି ତହସିଲଦାର ତଥା ଉପନିବନ୍ଧକଙ୍କ ପକ୍ଷରୁ କାର୍ଯ୍ୟାଳୟରେ ଏକ ନୋଟିସ ମରାଯିବା ସହ ୧୫ ତାରିଖରୁ କାର୍ଯ୍ୟାଳୟ ହଳଦିଆପଦର ବସଷ୍ଟାଣ୍ଡକୁ ସ୍ଥାନାନ୍ତର ହେଉଥିବାରୁ ପଞ୍ଜୀକରଣ କାର୍ଯ୍ୟ ବନ୍ଦ ରହିବ ବୋଲି ଉଲ୍ଲେଖ ରହିଥିଲା। ଏହାକୁ ବିରୋଧ କରାଯାଇ ସଂଘ ସଦସ୍ୟମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଜିଲାପାଳଙ୍କ ସମେତ ରାଜସ୍ୱ ମହାନିରୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଏବଂ ଛତ୍ରପୁରଠାରେ ଥିବା ଜିଲା ରେଜିଷ୍ଟ୍ରାର ଅଫିସର ବିଶ୍ୱମ୍ଭର ରଥଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି। ସୂଚନାଯୋଗ୍ୟ, ତହସିଲଦାରଙ୍କ ପକ୍ଷରୁ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ଜିଲା ରେଜିଷ୍ଟ୍ରାର ଅଫିସକୁ ଚିଠି କରାଯାଇଥିବା ବେଳେ ୧୩ ତାରିଖରେ କିପରି ସର୍ବସାଧାରଣ ନୋଟିସ ଜାରି କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ପୂର୍ବରୁ ବୁଦ୍ଧିଜୀବୀ, ଜନସାଧାରଣ ଓ ଦଲିଲ ଲେଖକଙ୍କ ସହ ଆଲୋଚନା ଓ ଆପୋସ ବୁଝାମଣା ଓ ସର୍ବନିମ୍ନ ୧୫ ଦିନ ଆଗରୁ ନୋଟିସ ଜାରି କରିବା କଥା ଯାହା ଏହି ଘଟଣାରେ କରାଯାଇନାହିଁ ବୋଲି ସଂଘ ଅଭିଯୋଗ କରିଛି। ଏହା ସହ କାର୍ଯ୍ୟାଳୟ ସ୍ଥାନାନ୍ତରିତ ନେଇ ସର୍ବସାଧାରଣ ଅବଗତ ହେବାସହ ଦଲିଲ ଲେଖାଳିମାନେ ମଧ ନୂତନ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପାଖରେ ନିଜର ସୁବିଧା ମୁତାବକ ଘର ଭଡ଼ା ନେଇ ନିଜର କାର୍ଯ୍ୟାଳୟ ଖୋଲି ପଞ୍ଜୀକରଣ ପାଇଁ ଆସୁଥିବା କ୍ରେତା ଓ ବିକ୍ରେତାଙ୍କ ସୁବିଧା ଓ ଅସୁବିଧା ମେଣ୍ଟାଇ ପାରିଥାନ୍ତେ ବୋଲି ମତପ୍ରକାଶ କରିଛନ୍ତି। ଏହାବ୍ୟତୀତ ନିବନ୍ଧକ କାର୍ଯ୍ୟାଳୟ ତରଫରୁ ମଧ ଦଲିଲ ଲେଖକଙ୍କ ଦୈନନ୍ଦିନ କାର୍ଯ୍ୟରେ ବାଧା ନ ଉପୁଜିବା ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ସ୍ଥଳରେ ଜାଗା ଓ ମୌଳିକ ସୁବିଧା ଯୋଗାଇଦେବା ଆବଶ୍ୟକତା ରହିଛି। ତେଣୁ ତରବରିଆ ଭାବେ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଉ ଓ ସମସ୍ତ ପକ୍ଷଙ୍କ ସହିତ ଆପୋସ ଆଲୋଚନା ଓ ବୁଝାମଣା କରି ଯେମିତି କାହାର କିଛି ଅସୁବିଧା ଓ କ୍ଷତି ନ ହେବ ତାହାକୁ ଗୁରୁତ୍ୱ ଦେଇ ସ୍ଥାନାନ୍ତର କରାଯାଉ ବୋଲି ଦାବି କରାଯାଇଛି।

# କାର୍ ଧକ୍କାରେ ଜଣେ ମୃତ

**ବ୍ରହ୍ମପୁର ଅଫିସ,୧୬।୪**

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ବଗଡ ମଶାଣି ଛକରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ପୋଲିସ ମୃତଦେହ ଜବତ କରି ନଂ.୨୨୯/୨୩ ରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କାର୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ଗୁଣ୍ଠବନ୍ଧ ଗ୍ରାମର ଗୋପାଳକୃଷ୍ଣ ଜେନା ଶନିବାର ବ୍ରହ୍ମପୁର କୌଣସି କାମରେ ଯାଇଥିଲେ। କାମସାରି ସେ ରାତି ପ୍ରାୟ ୯ଟା ବେଳେ ସାଇକେଲରେ ଘରକୁ ଫେରୁଥିଲେ। ଗାଁ ନିକଟରେ ଦିଗପହଣ୍ଡିରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର (ନଂ ଓଡ଼ି ୦୨ ବିଭି -୩୨୯୨) ସାଇକେଲକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଗୋପାଳକୃଷ୍ଣଙ୍କୁ ଏମ୍‌କେସିଜି ମେଡିକାଲ ପଠାଇଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇବା ପରେ କାର ଚାଳକ ସେଠାରେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ।

# ମେଡିକାଲରେ ନର୍ସ ଟଙ୍କା ମାଗୁଥିବା ଅଭିଯୋଗ

**ପୋଲସରା,୧୬।୪**

- ନର୍ସଙ୍କ ଅସ୍ୱୀକାର
- ମନ୍ତ୍ରୀ ଓ ସଚିବଙ୍କୁ ଅଭିଯୋଗ



ମେଡିକାଲ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଗର୍ଭବତୀଙ୍କ ଦେଢ଼ଶୁର।

ସରକାରୀ ମେଡ଼ିକାଲରେ ଗର୍ଭବତୀଙ୍କଠାରୁ ଜୋର ଜବରଦସ୍ତି ନର୍ସ ଟଙ୍କା ମାଗୁଛନ୍ତି। ନହେଲେ ଶିଶୁକୁ ଛାଡ଼ିବୁ ନାହିଁ ବୋଲି ଧମକ ଦେଉଥିବା ଅଭିଯୋଗ କରିଛନ୍ତି ଜଣେ ଗର୍ଭବତୀ ମହିଳା। ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଘଟଣା ଘଟୁଥିବା ଅଭିଯୋଗ ଆଣିଛନ୍ତି ଡିମ୍ବିରିଆ ଗ୍ରାମର ଗର୍ଭବତୀ ମହିଳା ଶିବାନୀ ପ୍ରଧାନ। ତାଙ୍କ ଅଭିଯୋଗ ପ୍ରକାରେ, ଗତ ୧୨ ତାରିଖ ବୁଧବାର ପୋଲସରା ସରକାରୀ ମେଡିକାଲରେ ରାତି ୮ଟାରେ ଶିବାନୀଙ୍କ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସେହି ସମୟରେ କାର୍ଯ୍ୟରତ ନର୍ସ ଜୋସ୍ନାରାଣୀ ନନ୍ଦ ଓ ଜୟନ୍ତୀ ପାତ୍ର ଗର୍ଭବତୀ ମହିଳାଙ୍କ ବାପାଙ୍କୁ ୨୦୦୦ ଟଙ୍କା ମାଗିଥିଲେ। ତାଙ୍କ ବାପା ସରକାରୀ ମେଡିକାଲରେ କାହିଁକି ଟଙ୍କା ଦେବି ପଚାରିବାରୁ, ଟଙ୍କା ନଦେଲେ ଆମେ ଶିଶୁକନ୍ୟାକୁ ହସ୍ତାନ୍ତର କରିବୁ ନାହିଁ ବୋଲି କହିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ତେବେ ନର୍ସଙ୍କ କଥାରେ ରାଜି ହୋଇ ପରିବାର ଲୋକେ ୨୦୦୦ ଟଙ୍କା ଦେଇଥିଲେ। ଏହି ବିଷୟକୁ ନେଇ ମେଡ଼ିକାଲ ଅଧିକାରୀଙ୍କୁ କହିବାରୁ ସେ କିଛି ଶୁଣି ନଥିଲେ। ତେବେ ଏ ନେଇ ନର୍ସ ଦୁଇଜଣଙ୍କୁ ପଚାରିବାରୁ ସେମାନେ ଏହାକୁ ଅସ୍ୱୀକାର କରିବା ସହିତ ଟଙ୍କା ମାଗନଥିବା କହିଛନ୍ତି। ଏ ନେଇ ଶିବାନୀଙ୍କ ପରିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓଡ଼ିଶା, ୫-ଟି ସଚିବଙ୍କୁ ଲିଖିତ ଭାବେ ଡାକ ମାଧମରେ ଅଭିଯୋଗ କରିଥିବା କହିଛନ୍ତି। ତେବେ ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଲଳିତ ରଥଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ରଖିବାକୁ ମନା କରିଦେଇଛନ୍ତି।

# ମହାବିଷୁବ ମହୋତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ, ୧୬।୪**

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ୩ ଦିନ ଧରି ଅନୁଷ୍ଠିତ ମହାବିଷୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସାହିତ୍ୟ ସମାଜ ସଭାପତି ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହର ତୃତୀୟ ଦିବସର ପ୍ରଥମ ଅଧିବେଶନରେ ସଂସ୍କୃତି-ଚର୍ଚ୍ଚା ଓ ଦ୍ୱିତୀୟ ଅଧିବେଶନରେ ସମ୍ବାଦ-ଚର୍ଚ୍ଚା ଶୀର୍ଷକ ସମ୍ମାନରେ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚକ ଭାବେ ଯୋଗଦେଇ ଓଡ଼ିଶାର ସାଂସ୍କୃତିକ ଧାରା ଓ ଖବରକାଗଜର ବିକାଶ ବିଷୟରେ ଆଲୋଚନା କରିଥିଲେ। ସଂସ୍କୃତି ଗବେଷକ ହୃଷୀକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାହିତ୍ୟ ସମାଜ ସମ୍ପାଦକ ଡ. ଶରତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ପ୍ରାକ୍ ସୂଚନା ଦେଇଥିଲେ। ପ୍ରଥମ ଅଧିବେଶନରେ ସଂସ୍କୃତି ଚର୍ଚ୍ଚା ଶୀର୍ଷକ ସମ୍ମାନରେ ବ୍ରହ୍ମପୁର ପାଟ ଶାଢୀର ଐତିହ୍ୟ ଓ ପରମ୍ପରା ବିଷୟରେ ଉଲ୍ଲେଖ କରାଯାଇଥିଲା। ଆଲୋଚକ ଭାବେ ଲୋକ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି ଗଞ୍ଜାମ ଲୋକ ସଂସ୍କୃତି ଓ ଲୋକ ନାଟକ ପରମ୍ପରା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଦୀନବନ୍ଧୁ ଶ୍ରୀପଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଅନୁପ କୁମାର ମିଶ୍ର, ମନୋରଞ୍ଜନ ପାଣିଗ୍ରାହୀ, ମନୋରଞ୍ଜନ ବିଷୋୟୀ, ନଳିନୀକାନ୍ତ ଗୌଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟିକାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ।

**ଆସିକା,୧୬।୪(ଡି.ଏନ.ଏ.)**

ଆସିକା ବ୍ଲକ ଅନ୍ତର୍ଗତ ମଙ୍ଗଳପୁରଠାରେ ରବିବାର ମଧ୍ୟାହ୍ନରେ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଆସିକା-ଭଞ୍ଜନଗର ରାସ୍ତାର ଝଗଡାଇଠାରୁ ମଙ୍ଗଳପୁର ଜାହାଡ଼ା ଦେଇ ଏହି ରାସ୍ତା କଣ୍ଟେଇପଲ୍ଲୀ - ସୋରଡା ରାସ୍ତାର ନୂଆଗାଁ ଛକ ଯାଏ ସଂଯୋଗ ହୋଇଛି। ନାବାର୍ଡ ସହାୟତାରେ ପୂର୍ତ୍ତ ବିଭାଗ ଦ୍ୱାରା ୨୪ କୋଟି ୫୦ ଲକ୍ଷ ବ୍ୟୟବରାଦରେ ହେଉଥିବା ଏହି ରାସ୍ତାକୁ ଚଉଡ଼ା କରାଯାଇ ଏହାର ଉନ୍ନତିକରଣ ଲାଗି ଯୋଜନା ରହିଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଚିରିବି ସାହୁ ସୂଚନା ଦେଇଛନ୍ତି। ଏହି ରାସ୍ତା ଫଳରେ ସମ୍ପୃକ୍ତ ରାସ୍ତାରେ ଗମନାଗମନ କରୁଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ଯାତାୟତ ସୁଗମ ହୋଇପାରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲାପରିଷଦ ସଦସ୍ୟ ଅନିମା ପରିଡ଼ା, ମନୋଜ କୁମାର ଦୋରା, ବ୍ଲକ ଉପାଧକ୍ଷା ରେଶମା ଦୋରା, ଏମ୍.ପି. ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ବରିଷ୍ଠ ନେତା ଅଭିମନ୍ୟୁ ନାହାକ, ମଙ୍ଗଳପୁର ସରପଞ୍ଚ ଦେବରାଜ ନାହାକ, ସମିତିସଭ୍ୟା ଗାୟତ୍ରୀ ଆଚାର୍ଯ୍ୟ, ରଶ୍ମିତା ସେନାପତି, ଶଶାଙ୍କ ଚର୍ଚ୍ଚିଙ୍କ ସମେତ ବହୁ ବ୍ୟକ୍ତି ସାମିଲ ଥିଲେ।



ମା'ଙ୍କ ଘଟ ପରିକ୍ରମା କରାଯାଉଛି ।



ଅସ୍ଥାୟୀ ମଣ୍ଡପ ବାହାରେ ମହିଳା ଶ୍ରଦ୍ଧାଳୁ।



ଶିଶୁଙ୍କ ଶିବ ବେଶ।



ରାଜା ବେଶ।

# ବିଞ୍ଚଣା ରଥ, ଜ୍ୱଳାମୁଖୀ ଓ ଶିବାରୂଢ଼ କାଳୀ ରଥ ଉନ୍ମୋଚିତ

**ବ୍ରହ୍ମପୁର ଅଫିସ,୧୬।୪**

**୧୩ ଦିନରେ ମା' ବୁଢ଼ୀ ଠାକୁରାଣୀ ଦ୍ୱିବାର୍ଷିକ ଯାତ୍ରା**

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ରବିବାର ୧୩ ଦିନରେ ପହଞ୍ଚିଛି। ଘଟ ପରିକ୍ରମା ସମୟରେ ବିଞ୍ଚଣା ରଥ, ଜ୍ୱଳାମୁଖୀ ରଥ ଓ ଶିବାରୁଢ କାଳୀ ରଥ ଉନ୍ମୋଚିତ ହୋଇଥିଲା। ରାତି ୮ଟା ପରେ ମା'ଙ୍କ ମୁଖ୍ୟ ଘଟ ଦେଶୀ ବେହେରା ସାହିରୁ ବାହାରି ପ୍ରଥମେ ବାଚୁବାରୀ ସାହିଠାରେ ବିଞ୍ଚଣା ରଥକୁ ଉନ୍ମୋଚନ କରିଥିଲେ। ଏହାପରେ ଘଟ ପୁଣି ଦେଶୀ ବେହେରା ସାହି ହୋଇ ପରମ୍ପରା ଅନୁଯାୟୀ ମା'ଙ୍କ ମୁଖ୍ୟ ଘଟ ସମେତ ୮ପାର୍ଶ୍ୱ ଘଟ ମହୁରୀ ରାଜବାଟୀରେ ପହଞ୍ଚିବା ପରେ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମା'ଙ୍କ ଘଟ ବଡ ବଜାର, ଚନ୍ଦ୍ରମା ସାହି, କେଦାରଶ୍ୱର ମନ୍ଦିର ରୋଡ ହୋଇ କାଲୁ ପାତ୍ର ସାହିରେ ଜ୍ୱଳାମୁଖୀ ରଥ ଉନ୍ମୋଚନ କରିଥିଲେ। ଶେଷରେ ଷଣ୍ଢ ମହାନ୍ତି ସାହିରେ ଶିବା ରୁଢ କାଳୀ ରଥ ଉନ୍ମୋଚନ କରିଥିଲେ। ଏହାପରେ ଷଣ୍ଢ ମହାନ୍ତି ସାହି ହୋଇ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମନ୍ଦିରରେ ମା' ପହଞ୍ଚିଥିଲେ। ମା'ଙ୍କ ଆଳତୀ ପରେ ରାତିରେ ବାଳ ଭୋଗ କରାଯାଇଥିଲା। ଏହାପରେ ଭକ୍ତମାନେ ମା'ଙ୍କ ଦର୍ଶନ କରିଥିଲେ।



ଶିଶୁଙ୍କ କୃଷ୍ଣ ଓ ରାଧା ବେଶ।



ବିଞ୍ଚଣା ରଥ।

# ଠାକୁରାଣୀ ଯାତ୍ରାରେ ଚାକଚକ୍ୟ ଆଣିଥାଏ ରଥ

**ବ୍ରହ୍ମପୁର ଅଫିସ**

ବ୍ରହ୍ମପୁର ଠାକୁରାଣୀ ଯାତ୍ରା ପାଳନରେ ରଥ ନିର୍ମାଣ ଯାତ୍ରାରେ ଚାକଚକ୍ୟ ଆଣିଥାଏ। ଯାତ୍ରା ସମୟରେ ବାଚୁବାରୀ ସାହିରେ ପ୍ରଥମେ ବିଞ୍ଚଣା ରଥ ଉନ୍ମୋଚିତ ହୋଇଥାଏ। ଏହି ରଥ ଆକୃତି ଏକ ହାତପଙ୍ଖା ବା ବିଞ୍ଚଣା ଭଳି। ସାଧାରଣତଃ ଶିଶୁମାନେ ଏହି ରଥରେ ଖେଳିଥାନ୍ତି। ଏଥିରେ କୌଣସି ଦେବଦେବୀଙ୍କ ମୂର୍ତ୍ତି ନ ଥାଏ। ବିଞ୍ଚଣା ରଥରେ ପିଲାଙ୍କୁ ବସାଇବା ନିମନ୍ତେ କେତେକ କ୍ଷେତ୍ରରେ ମାଆ ବାପାମାନେ ପୂର୍ବରୁ ମାନସିକ କରିଥାନ୍ତି। ଏଥିପାଇଁ ଛୋଟ ଶିଶୁ ବିଞ୍ଚଣା ରଥ ବାହାରିବା ଦିନ ଉପବାସ ରହିଥାନ୍ତି। କିନ୍ତୁ ବିନା ମାନସିକରେ ପିଲାମାନେ ବିଞ୍ଚଣା ରଥରେ ଆରୋହଣ କରିବା ପ୍ରଥା ପ୍ରଚଳିତ ଅଛି। ସେହିଭଳି ଦେବଦେବୀଙ୍କ ମୂର୍ତ୍ତି ନ ଥିବା ଅନ୍ୟ ଏକ ରଥ ହେଉଛି ବୋଇତ ରଥ। ଏହି ରଥ ଗୋପାଳପୁର ବନ୍ଦର ବାଣିଜ୍ୟ କାରବାର ସ୍ମୃତି ବହନ କରୁଥିଲା। ପୂର୍ବରୁ ଠାକୁରାଣୀ ଯାତ୍ରାରେ ପ୍ରାୟ ୨୫ ଟି ରଥ ନିର୍ମିତ ହେଉଥିବା ସୂଚନା ମିଳେ। ସେ ସମୟରେ କଳାକୁଞ୍ଜ ପ୍ରଦର୍ଶିତ ହେଉ ନ ଥିଲା। ଏଥିସହ ସମସ୍ତ ରଥ କେବଳ ବଡ ବଜାରରେ ହିଁ ସ୍ଥାପିତ ହେଉଥିଲା। ଯାହାଦ୍ୱାରା ବିଭିନ୍ନ ସାହି ବାସିନ୍ଦାମାନେ ନିଜ ନିଜ ମଧ୍ୟରେ ଚାନ୍ଦା କରି ରଥ ନିର୍ମାଣ ସରଞ୍ଜାମ ଯୋଗାଡ କରୁଥିଲେ। ଏପରିକି ଅନେକ ରଥ ନିର୍ମିତ ହେବା ପରେ ବଡ ବଜାର ମୁଖ୍ୟ ରାସ୍ତା ଉପରେ ସ୍ଥାପନ ହେବା ନିମନ୍ତେ ଟାଣି ଅଣାଯାଉଥିଲା। କିନ୍ତୁ ସମୟ କ୍ରମେ ବଡ ବଜାରରେ ରଥ ନିର୍ମାଣ ଦିଗରେ ବିଭିନ୍ନ ସାହି ବାସିନ୍ଦାମାନେ ଆଗ୍ରହ ପ୍ରକାଶ କଲେ ନାହିଁ। ଫଳରେ ଠାକୁରାଣୀ ଯାତ୍ରା ଅବସରରେ ନିଜ ନିଜ ସାହିରେ କଳାକୁଞ୍ଜ ନିର୍ମାଣ କରୁଛନ୍ତି। ଅତୀତରେ ମହୁରୀ ରାଜ ଉଆସରେ ରାବଣ ରଥ ନିର୍ମିତ ହେଉଥିଲା। କିନ୍ତୁ କିଛି ଦିନ ପରେ ରାବଣ ରଥ ନିର୍ମାଣ ବନ୍ଦ ହେବା ପରେ ରମ୍ଭାରୁ ଭଡା ସୂତ୍ରରେ ଆଣି ପାତାଳ ଭୈରବ ରଥ ପ୍ରଦର୍ଶିତ ହୋଇଥିଲା। କିନ୍ତୁ ସେଥିରେ କୌଣସି କାରଣରୁ ନିଆଁ ଲାଗି ଯିବାରୁ ବର୍ତ୍ତମାନ ସେଠାରେ ଆଉ କୌଣସି ରଥ ନିର୍ମାଣ ହୋଇପାରୁ ନାହିଁ। ତେବେ ରଥ ଥରେ ନିର୍ମିତ ତଥା ପ୍ରଦର୍ଶିତ ହେବା ପରେ ତାହାକୁ ସାଇତି ରଖା ଯାଇଥାଏ। କିନ୍ତୁ କଳାକୁଞ୍ଜର ମୂର୍ତ୍ତି ତଥା ସରଞ୍ଜାମ ପ୍ରତି ଥର ପରିବର୍ତ୍ତିତ ହୋଇଥାଏ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଇତିଶ୍ରୀ



@ କାହ୍ନୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ୱେବିନାର

**ବ୍ରହ୍ମପୁର ଅଫିସ,୧୬।୪:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ପକ୍ଷରୁ ରବିବାର ବାସଗୃହରେ ଶକ୍ତି ସଂରକ୍ଷଣ ନିମନ୍ତେ ଆବଶ୍ୟକୀୟ କାରକ ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ଡ଼.ସୁଧାକର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଆଇଆଇଟି ତିରୁପତିର ରିସୋର୍ସ ପର୍ସନ ଡ଼.ତିରୁପତି ବାହିନୀପତି ଉପସ୍ଥିତ ଥିଲେ। ଏଥିରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ ପ୍ରଫେସର ନିର୍ମଳ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଅର୍ଥନୀତି ବିଭାଗ ପ୍ରଫେସର ଡ଼.ମୃତ୍ୟୁଞ୍ଜୟ ସ୍ୱାଇଁ ୱେବିନାର ସଂଯୋଜନା କରିଥିଲେ।

# ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ

**ବ୍ରହ୍ମପୁର ଅଫିସ,୧୬।୪**

**ଏମ୍‌କେସିଜି ମେଡିକାଲ ଓପିଡ଼ି**

ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ସେଥିରୁ ନିଜେ ରକ୍ଷା ପାଇବା ସହ ଅନ୍ୟମାନଙ୍କୁ କିପରି ରକ୍ଷା କରାଯାଇପାରିବ ସେ ନେଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ରବିବାର ଏମ୍‌କେସିଜି ମେଡିକାଲ ପରିସରରେ ଥିବା ବହିଃ ବିଭାଗ (ଓପିଡ଼ି) ସମ୍ମୁଖରେ ରୋଗୀ ସମ୍ପର୍କୀୟ ଓ ଜନସାଧାରଣଙ୍କୁ ମକ୍‌ଡ୍ରିଲ ଜରିଆରେ ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ କରିଥିଲେ। ଏହାସହିତ ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନତା କରାଯାଇଥିଲା। ଲୋକମାନଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା। ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଅଗ୍ନିଶମ ବିଭାଗର ଷ୍ଟେଶନ ଅଫିସର ପ୍ରଦୀପ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅଗ୍ନିକ ଦୁର୍ବାସା କୁମାର ପରିଡ଼ା ଓ ତାଙ୍କ ଟିମ୍ ଏହି ମକ୍‌ଡ୍ରିଲ ବେଳେ ଫାୟାର ଏକ୍ସିଙ୍ଗୁଇସର ବ୍ୟବହାର,ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲିଭା କୌଶଳ ସହିତ ଅଗ୍ନିକାଣ୍ଡ ବେଳେ ସତର୍କତା ମୂଳକ ପଦକ୍ଷେପ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ମେଡ଼ିକାଲରେ ଅଗ୍ନି ନିର୍ବାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନହାନୀ ଘଟୁଛି।

# ଏମ୍‌କେସିଜି ରେଜିଷ୍ଟ୍ରାର ହେଲେ ସଂଗ୍ରାମ ପଣ୍ଡା

**ବ୍ରହ୍ମପୁର ଅଫିସ,୧୬।୪**

ବ୍ରହ୍ମପୁର ବଡ଼ ଡାକ୍ତରଖାନାର ରେଜିଷ୍ଟ୍ରାର ଭାବେ ଗଜପତିରେ ଏଡିଏମ୍ ଥିବା ସଂଗ୍ରାମ ଶେଖର ପଣ୍ଡାଙ୍କୁ ଅବସ୍ଥାପିତ କରାଯାଇଛି। ଏଠାରେ ଥିବା ରେଜିଷ୍ଟ୍ରାର ରାଜେନ୍ଦ୍ର ମିଞ୍ଜୀଙ୍କୁ ଗଜପତି ଏଡିଏମ୍ ଭାବେ ବଦଳି କରାଯାଇଛି।

# ତାଲାବନ୍ଦ ଘରୁ ଚୋରି ଘଟଣା, ୨ ଗିରଫ

**ବ୍ରହ୍ମପୁର ଅଫିସ,୧୬।୪**

ବ୍ରହ୍ମପୁର ଗୋଷାଣୀନୂଆଗାଁ ପୋଲିସ ଏକ ତାଲାବନ୍ଦ ଘରୁ ଚୋରି ଘଟଣାରେ ଦୁଇଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଆଡ଼ପଡ଼ା ଗ୍ରାମର ଶାନ୍ତନୁ ପ୍ରଧାନ(୨୩) ଓ ବିକ୍ରମ ପୋଲାଇ (୨୧)। ପୋଲିସ ସେମାନଙ୍କ ନିକଟରୁ ଏକ ଜେନେରେଟର ଓ ଟାଟା ଏସିଇ ଗାଡ଼ି ଜବତ କରିଛି। ମାମଲା ନମ୍ବର ୯୦/୨୩ ରେ ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗୋଷାଣୀନୂଆଗାଁ ମୁଖ୍ୟ ରାସ୍ତାରେ ଥିବା ଏକ ଦୋକାନରୁ ଗୋଟିଏ ଜେନେରେଟର ଚୋରି ହୋଇଥିଲା। ଏନେଇ ମାଲିକ ନିରାକାର ଶତପଥୀ ଗତ ୩ ତାରିଖରେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ସିସି ଟିଭି ଫୁଟେଜକୁ ଆଧାର କରି ଆଡ଼ପଡ଼ା ଗ୍ରାମର ଶାନ୍ତନୁ ଓ ବିକ୍ରମଙ୍କୁ ଶନିବାର କାବୁ କରିଥିଲା। ସେମାନଙ୍କୁ ଜେରା ପରେ ସେମାନେ ଏକ ଗାଡ଼ିରେ ଉକ୍ତ ଦୋକାନରୁ ଜେନେରେଟର ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ପୋଲିସ ସେମାନଙ୍କ ନିକଟରୁ ଜେନେରେଟର ଓ ଟାଟା ଏସିଇ ଜବତ କରିଥିବା କହିଛି।

# ଦେବୀ ପ୍ରସନ୍ନ ସ୍ମରଣ ପର୍ବ ଆୟୋଜିତ

**ବ୍ରହ୍ମପୁର ଅଫିସ,୧୬।୪**

ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ହୋଇଯାଇଛି। ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଅଧ୍ୟକ୍ଷତା କରିଥିଲେ। ଆବାହକ ଡ. ଶରତ କୁମାର ଜେନା ସଂଯୋଜନା କରିଥିଲେ। ଏହି ଅବସରରେ ଓଡିଆ ଭାଷାରେ ବିଜ୍ଞାନର ଲୋକପ୍ରିୟତା ଓ ପ୍ରାସଙ୍ଗିକତା ଶୀର୍ଷକ ବକ୍ତୃତାମାଳା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଯୋଗ ଦେଇଥିଲେ। ଓଡିଆ ଭାଷା ଏକ ପୁରାତନ ବିଜ୍ଞାନ ସମ୍ମତ ପ୍ରାମାଣିକ ଭାଷା। ଏହି ଭାଷାର ଅମାପ ଶକ୍ତି ଓ ସାମର୍ଥ୍ୟ ରହିଛି ବୋଲି କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ ଲକ୍ଷ୍ମୀକାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଉଣ୍ଡେଶନ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ହୃଦୟଲୋକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସ୍ୱର୍ଗତ ପଟ୍ଟନାୟକଙ୍କ ଦ୍ୱାରା ଅନୁଦିତ ଉମର ଖୟାମ ରୁବାୟତ ଓ ତାଙ୍କ ସହ ଧର୍ମିଣୀ ଡ. କନକଲତା ପଟ୍ଟନାୟକଙ୍କ କବିତା ପୁସ୍ତକ ଶ୍ରାଦ୍ଧବାର୍ଷିକୀ ସ୍ମରଣିକା ହୃଦୟଲୋକ ଉନ୍ମୋଚିତ ହୋଇଥିଲା। ଡ କୁଳମଣି ଓଝା ଆଦି ଶଙ୍କରାଚାର୍ଯ୍ୟ କୃତ ଶ୍ରୀଜଗନ୍ନାଥଷ୍ଟକ ଗାନ ଓ ଡ. ହୃଷୀକେଶ ପଣ୍ଡା ପ୍ରଶସ୍ତି ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ପଟ୍ଟନାୟକଙ୍କ ବଡ ଝିଅ ଡ. ଆକାଂକ୍ଷା ପଟ୍ଟନାୟକ, ସ୍ୱାଇଁ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ସାନ ଝିଅ ଐଶ୍ୱର୍ଯ୍ୟା ପଟ୍ଟନାୟକଙ୍କ ସମେତ ମେଜର ରମା ରମଣ ପାଢୀ ଓ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି ।

# ଖଲ୍ଲିକୋଟ ଚାମ୍ପିୟନ, ଆସ୍କା ରନର୍ସ ଅପ୍

**ବ୍ରହ୍ମପୁର ଅଫିସ,୧୬।୪**

**ବିନାୟକ ଆଚାର୍ଯ୍ୟ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ**

ଜୁନିୟର କ୍ରିକେଟ କ୍ଲବ ପକ୍ଷରୁ ବିନାୟକ ଆଚାର୍ଯ୍ୟ କଲେଜ ପଡିଆଠାରେ ଚାଲିଥିବା ପଞ୍ଚମ ଜିଲାସ୍ତରୀୟ ବିନାୟକ ଆଚାର୍ଯ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ମ୍ୟାଚରେ ପାନାସୋନିକ ଆସ୍କା ଓ ଖଲ୍ଲିକୋଟ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଲ୍ଲିକୋଟ କ୍ରିକେଟ କ୍ଲବ ବିଜୟୀ ହେବା ସହ ଟୁର୍ନାମେଣ୍ଟର ଚାମ୍ପିୟନ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ଜିଲା କ୍ରୀଡ଼ା ସମ୍ପାଦକ ଅଶୋକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ କର୍ପୋରେଟର ସନ୍ତୋଷ କୁମାର ସେଠୀ, ଜାମୁଲ ଶ୍ରୀନିବାସ,ବିଜେଡି ଛାତ୍ର ସଭାପତି ଶୋଭନ ନାୟକ, ଯୁବ ସଭାପତି ଅଜିତ ପଣ୍ଡା ଓ ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ ଉପସ୍ଥିତ ଥିଲେ।

ଶେଷ ଦିବସରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଆସ୍କା ପାନାସୋନିକ ଟସ୍ ଜିତି ବ୍ୟାଟିଙ୍ଗ ନିଷ୍ପତ୍ତି ନେଇଥିଲେ। ପାନାସୋନିକ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ମୃତି ରଞ୍ଜନ ପାତ୍ର ସର୍ବାଧିକ ୩୦ ବଲରେ ୬୩ ରନ କରିଥିଲା। ଦ୍ୱିତୀୟ ଇଂନିସରେ ଖଲ୍ଲିକୋଟ କ୍ରିକେଟ କ୍ଲବ ୧୯.୫ ଓଭର ୨ଉଇକେଟ ହରାଇ ୧୯୮ ରନ କରି ବିଜୟୀ ହୋଇଥିଲା। ଖଲ୍ଲିକୋଟ କ୍ରିକେଟ କ୍ଲବ ପକ୍ଷରୁ ଶ୍ରୀକାନ୍ତ ଗୌଡ଼ ୨୯ ବଲରେ ୪୬ ରନ ସଂଗ୍ରହ କରିଥିଲେ। ଦଳର ହେମନ୍ତ ଜନି ୨ ଉଇକେଟ ନେବା ସହ ୧୭ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅନୁଷ୍ଠିତ ମ୍ୟାଚରେ ଅମ୍ପାୟର ଭାବେ ଦୀପ୍ତିରଞ୍ଜନ ବୈରୀ ଓ ରଞ୍ଜନ କୁମାର ସାହୁ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ମନୋଜ ବେହେରା ଓ ସତ୍ୟ ନାରାୟଣ ପରିଡା ସହଯୋଗ କରିଥିଲେ।

